# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**9th September – 2025**

**News Editor : Itishree Singh Rathaur**

*********************************

## <u>ମୁଖ୍ୟ ସମ୍ବାଦ</u>

- ଉପରାଷ୍ଟ୍ରପତି ପଦ ପାଇଁ ଦିଲ୍ଲୀର ନୂତନ ସଂସଦ ଭବନରେ ମତଦାନ ଶେଷ ହେବା ପରେ ଚାଲିଛି ଭୋଟ ଗଣତି
- ମହିଳାମାନଙ୍କୁ ସଶକ୍ତ ହେବା ପାଇଁ ଆର୍ଥିକ ଓ ମାନସିକ ସ୍ତରରେ ସୁଦୃଢ଼ ହେବା ଆବଶ୍ୟକ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭୁବନେଶ୍ୱରରେ ଆସନ୍ତାକାଲି ଚଳିତବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ୍‌ର ହେବ ଶୁଭାରମ୍ଭ

ଏବଂ

- ସେବା ସପ୍ତାହ ଅବସରରେ ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କାର୍ଯ୍ୟରେ ସାମିଲ ହେବେ ଛାତ୍ରଛାତ୍ରୀ

# ଉପରାଷ୍ଟ୍ରପତି ନିର୍ବାଚନ

ଦିଲ୍ଲୀର ନୂତନ ସଂସଦ ଭବନରେ ଉପରାଷ୍ଟ୍ରପତି ପଦ ପାଇଁ ଭୋଟ ଗ୍ରହଣ ଶେଷ ହୋଇ ଗଣତି ଜାରି ରହିଛି । ଆଜି  ସକାଳ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା । ସନ୍ଧ୍ୟା ୬ଟାରୁ ଭୋଟ ଗଣତି ଆରମ୍ଭ ହୋଇଛି ।

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ ଏବଂ ଇଣ୍ଡିମେଣ୍ଟରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ପି. ସୁଦର୍ଶନ ରେଡ୍ଡୀ ଉପରାଷ୍ଟ୍ରପତି ପଦ  ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ମହିଳା ସୁରକ୍ଷା ଆଇନ୍

ମହିଳାଙ୍କୁ ସଶକ୍ତ କରିବା ପାଇଁ କେବଳ ଆର୍ଥିକ କ୍ଷେତ୍ରରେ ନୁହେଁ ମାନସିକ ସ୍ତରରେ ମଧ୍ୟ ସୁଦୃଢ଼ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଯୌତୁକ ନିରୋଧ ଆଇନ୍ ଏବଂ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ସମ୍ପର୍କିତ ରାଜ୍ୟସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନ୍‌ଗୁଡ଼ିକର ଦୁରୁପଯୋଗ ନ କରିବା ପାଇଁ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି ପାଇଁ ଉପମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ପରାମର୍ଶ ଦେଇଛନ୍ତି ।

**- V/O - (ପ୍ରଭାତୀ ପରିଡା)**

ମହିଳାଙ୍କ ସୁରକ୍ଷା ଏବଂ ନିରାପ ।କୁ ନେଇ ଭୁବନେଶ୍ୱରରେ ଓଡ଼ିଶା ପୁଲିସ୍ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ **ୱାଇ.ବି. ଖୁରାନିୟା** କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି।

# - V/O - (ୱାଇ.ବି. ଖୁରାନିୟା)

## ସୁଭଦ୍ରା

ସୁଭଦ୍ରା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୂଚନା ଅନୁସାରେ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ପରିବହନ, ଖାଦ୍ୟ ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକୀୟ ତଥ୍ୟ ଆଧାରରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ। ଏହାବ୍ୟତୀତ ସୁଭଦ୍ରା ଯୋଜନାର ନିୟମାବଳୀ ଅନୁସାରେ, ଅଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆସନ୍ତାକାଲି ଚଳିତ ଆର୍ଥିକବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ୍ ଭୁବନେଶ୍ୱରରୁ ଅଯୋଧ୍ୟା ବାରାଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏହାର ଶୁଭାରମ୍ଭ କରିବେ। ଏଥିରେ ଖୋର୍ଦ୍ଧା, ପୁରୀ, କଟକ,

ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ଢ଼େଙ୍କାନାଳର ସାଂସଦ ଏବଂ ବିଧାୟକମାନେ ମଧ୍ୟ ଉପସ୍ଥିତ ରହିବେ। ଏହି ଟ୍ରେନ୍‌ରେ ରାଜ୍ୟର ୬ଟି ଜିଲ୍ଲାରୁ ମୋଟ୍ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ଏସକର୍ଟ ଅଧିକାରୀ ମଧ୍ୟ ଯାତ୍ରା କରିବେ।

**ଢ଼େଙ୍କାନାଳ** ଜିଲ୍ଲା କାର୍ଯ୍ୟାଳୟଠାରୁ ଆଜି ଅପରାହ୍ଣରେ  ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର  ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ସମୁଦାୟ ୮୯ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ୨ଟି ବସ୍ ଭୁବନେଶ୍ୱରରେ ପହଞ୍ଚିବ। ଆସନ୍ତାକାଲି ସମସ୍ତ ତୀର୍ଥଯାତ୍ରୀ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ତୀର୍ଥ କ୍ଷେତ୍ର ପରିଭ୍ରମଣ ଶେଷ କରି ଆସନ୍ତା ୧୫ ତାରିଖରେ ସେମାନେ ପହଞ୍ଚିବେ ବୋଲି ସୂଚନା ମିଳିଛି।

**କେନ୍ଦ୍ରାପଡ଼ା** ଜିଲ୍ଲାରୁ ମଧ୍ୟ ୧୦୮ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରୁଛନ୍ତି।

## ପିଏମ୍ ଜନ୍ମଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ତଥା ସେବା ସପ୍ତାହ ପାଳନ ଅବସରରେ ରାଜ୍ୟରେ ଆସନ୍ତା ୧୭ ତାରିଖ ଦିନ ୭୫ ଲକ୍ଷ ଚାରାରୋପଣ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହେବେ ବୋଲି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ଏ ସମ୍ପର୍କରେ ଆଜି ଏକ

ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ସାହୁ କହିଛନ୍ତି, ଚାରାରୋପଣ ଦୀର୍ଘକାଳୀନ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବ। ଏଥିରେ ଛାତ୍ରଛାତ୍ରୀମାନେ ସବୁଜ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବେ। ଚାରାରୋପଣ କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଏକ ସବୁଜ ବିପ୍ଳବ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୨ ଲକ୍ଷ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ୪୦ ହଜାର ବିଦ୍ୟାଳୟରେ ୧୫ଲକ୍ଷ ଛାତ୍ରଛାତ୍ରୀ ଚାରା ରୋପଣ କରିବେ ବୋଲି ବୈଠକରୁ ଜଣାପଡିଛି। ସେହିଭଳି ପଂଚାୟତ ସ୍ତରରେ ଚାରାରୋପଣ ପାଇଁ ୩୭ ହଜାର ସ୍ଥାନ ଚିହ୍ନଟ ହୋଇଛି।

# ଜିଏସ୍‌ଟି-ରିପୋର୍ଟ୍

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ହସ୍ତଶିଳ୍ପ ସାମଗ୍ରୀର ପରିସରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ସରକାର ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । କାରିଗର ଏବଂ ପାରମ୍ପରିକ ହସ୍ତଶିଳ୍ପ କ୍ଷେତ୍ରକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ । ଜି.ଏସ୍.ଟି. ହ୍ରାସ, କାଠ, ପଥର ଏବଂ ଧାତୁ ମୂର୍ତ୍ତି, ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ତଥା ପିତଳ, ତମ୍ବା, ଲୁହା, ଆଲୁମିନିଅମ୍ ଏବଂ

କାଚରେ ପ୍ରସ୍ତୁତ ସାଜସଜ୍ଜା ସାମଗ୍ରୀ ବିକ୍ରିକୁ ତ୍ୱରାନ୍ୱିତ କରିବ । ଦେଶର ହସ୍ତଶିଳ୍ପକୁ ଉପଭୋକ୍ତାଙ୍କ ପାଖରେ ଅଧିକ ସୁଲଭ ମୂଲ୍ୟରେ ପହଞ୍ଚାଇବା ତଥା ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା ମୂଳକ ସ୍ଥିତିରେ ନିଜକୁ ସୁଦୃଢ଼ କରିବା ପାଇଁ ସହାୟକ ହେବ । ଏହି ସଂସ୍କାର ପାରମ୍ପରିକ ଉତ୍ପାଦର ଚାହିଦାକୁ ବୃଦ୍ଧି କରିବା ସହିତ ରପ୍ତାନୀ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଦେଶର ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକାକୁ ଅଧିକ ଗତିଶୀଳ କରିବ । ହସ୍ତଶିଳ୍ପ କ୍ଷେତ୍ର ଏହାଦ୍ୱାରା ଅଧିକ ସମୃଦ୍ଧ ହେବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ମା’ ପାଇଁ ଗଛଟିଏ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ବନବିଭାଗ ପକ୍ଷରୁ ଛତ୍ରପୁର ବ୍ଲକ୍ ସିନ୍ଦୂରାପଲ୍ଲୀ ନଗରବନ ପରିସରରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମରେ ଚାରାବଣ୍ଟନ ରଥର ଶୁଭାରମ୍ଭ ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ଚାରାରୋପଣ ପାଇଁ ୫୦୦ ଲେଖାଏଁ ଚାରା ପ୍ରଦାନ କରାଯାଇଛି। ଆସନ୍ତା ୧୭ ତାରିଖରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୭ ଲକ୍ଷରୁ ଅଧିକ ଚାରା ରୋପଣ କରାଯିବ ବୋଲି ବ୍ରହ୍ମପୁର ଜିଲ୍ଲା ବନ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରସ୍ତୁତି ବୈଠକ

**ଢେଙ୍କାନାଳ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସହିଦ୍ ବାଜି ରାଉତଙ୍କ ଶତବାର୍ଷିକୀ ଜନ୍ମଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶତବାର୍ଷିକୀ ଜନ୍ମଜୟନ୍ତୀ ଆସନ୍ତା ଅକ୍ଟୋବର ୫ ତାରିଖରୁ ଆରମ୍ଭ ହୋଇ ୨୦୨୬ ମସିହା ଅକ୍ଟୋବର ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ବର୍ଷତମାମ ଜୟନ୍ତୀ ସମାରୋହର ରୂପରେଖ ସଂକ୍ରାନ୍ତୀୟ ବିସ୍ତୃତ ବିବରଣୀ ଦେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାପାଳ ଆଶିଷ୍ ଈଶ୍ୱର ପାଟିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାରେ ସାରର ସୁଗମ ଯୋଗାଣ ଏବଂ ବିକ୍ରୟ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନଙ୍କୁ ସୁଚାରୁରୂପେ ସାର ଯୋଗାଇବା ପାଇଁ ସ୍ୱୀକୃତିପ୍ରାପ୍ତ ବିକ୍ରୟ କେନ୍ଦ୍ରଗୁଡ଼ିକରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ସାର ପ୍ରଦାନ କରିବାକୁ ଜିଲ୍ଲାପାଳ ଭି.କିର୍ତ୍ତିଭାସନ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ଓ କୃଷି ବିଭାଗର ସମନ୍ୱୟ ରଖି ଚାଷୀମାନଙ୍କୁ ଉପଯୁକ୍ତ ଭାବେ ସାର ପ୍ରଦାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# କୃଷି ମେଳା ପରିଦର୍ଶନ

ରାଜ୍ୟ କୃଷି ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। କ୍ଷୁଦ୍ର ଶସ୍ୟ ଚାଷ ପ୍ରଦର୍ଶନ କ୍ଷେତ୍ର, ଏମ୍‌ଭି ସେଭେନ୍ ଉଚ୍ଚବିଦ୍ୟାଳୟରେ ଶ୍ରୀଅନ୍ନ ଯୋଜନା ଏବଂ ପାରମ୍ପରିକ କ୍ଷୁଦ୍ର ଶସ୍ୟଯୁକ୍ତ ଖାଦ୍ୟମେଳା ଶ୍ରୀ ମିଶ୍ର ବୁଲି ଦେଖିଥିଲେ।

ପୁଷ୍ଟିଶସ୍ୟ ଗୁଣବତ୍ତା ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହ ସେ ଆଲୋଚନା କରିଥିଲେ।

# ସଂସ୍କୃତ ଦିବସ

ସମ୍ବଲପୁର ଜିଲ୍ଲା ଓଡ଼ିଶା ସାଂସ୍କୃତିକ ସମାଜଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସ୍କୃତକୁ ବିଶ୍ୱଭାଷାର ମାନ୍ୟତା ଦିଆଯିବା ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ଅବସରରେ ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସଂସ୍କୃତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖେଳ ମହୋତ୍ସବ

**ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍ ପରିସରରେ ସାଂସଦ ଖେଳ ମହୋତ୍ସବର ସଫଳ ରୂପାୟନ ଓ ପଂଜୀକରଣ ନିମନ୍ତେ ଜିଲ୍ଲାର କ୍ରୀଡା ଶିକ୍ଷକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଲୋକସଭା ନିର୍ବାଚନ ମଣ୍ଡଳୀର ଖେଳାଳୀମାନେ ଅଧିକ ସଂଖ୍ୟାରେ କିପରି ପଂଜୀକରଣ କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ୨୦ ତାରିଖ ସୁଦ୍ଧା ଇଚ୍ଛୁକ ଖେଳାଳୀମାନେ ବିଭିନ୍ନ ଖେଳ ପାଇଁ ଉଭୟ ପୁରୁଷ ଓ ମହିଳା ପଂଜୀକରଣ କରିପାରିବେ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ କହିଛନ୍ତି।

# ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜିଠାରୁ ରାଜ୍ୟର

ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

***********************************